ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୩ ମେ, ୨୦୨୨

## ଭିନ୍ନକ୍ଷମ ଚିହ୍ନଟ ଶିବିର ପ୍ରସ୍ତୁତି ବୈଠକ

ଶେରଗଡ଼,(ଡି.ଏନ୍.ଏ.): ଶେରଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଆସନ୍ତ ଜୁନ ୬ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ସଭ୍ୟମାନେ ଯେପରି ନିଜ ନିଜ ପଞ୍ଚାୟତର ଦିବ୍ୟାଙ୍ଗମାନେ ବ୍ଲକରେ ପହଞ୍ଚି ନିଜର ଆନୁଷଙ୍ଗିକ ପରୀକ୍ଷା ସହ କାଗଜପତ୍ର ଦାଖଲ କରିବେ। ପ୍ରମାଣପତ୍ର ନେବେ ସେ ଦିଗରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ବିଡିଓ ଶମ୍ଭୁନାଥ ନନ୍ଦି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସାନୁ ଦେବୀ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, ବ୍ଲକ କର୍ମଚାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ।

# ସଂକ୍ଷେପରେ

## ୧୦ କର୍ମଚାରୀଙ୍କ ଅଦଳ ବଦଳ

ପାରଳାଖେମୁଣ୍ଡି,୨୨।୫(ଡି.ଏନ୍.ଏ.): ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ଓ କାଶୀନଗର ଏନ୍ଏସିରୁ ୧୦ କର୍ମଚାରୀଙ୍କୁ ବଦଳି ହୋଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏହି ବଦଳି କରାଯାଇଛି । ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିରେ କାର୍ଯ୍ୟରତ ସିପି ଦିନେଶ ପଡିହାରି, ଗୋଷ୍ଠୀ ସଙ୍ଗଠିକା ଉଜ୍ଜ୍ୱଳତା ସ୍ୱାଲସିଂ, ଆକାଉଣ୍ଟାଣ୍ଟ ଶିବ ପ୍ରସାଦ, ଓଟିସି ଦୁର୍ଗା ପ୍ରସାଦ, ଜୁନିୟର ଆସିଷ୍ଟାଣ୍ଟ କାମେଶ୍ୱର ମହାନ୍ତିଙ୍କୁ କାଶୀନଗର ଏନ୍ଏସିକୁ ପଦଳି ହୋଇଛି। ସେହିପରି କାଶୀନଗର ଏନ୍ଏସିରେ କାର୍ଯ୍ୟରତ ସିପିପି. ମୋନହର, ଗୋଷ୍ଠୀ ସଂଗଠିକା ଶାନ୍ତିଲତା ପଲେଇ, ଆକାଉଣ୍ଟାଣ୍ଟ ତାପସ ଦାସ, ଜୁନିୟର ଆସିଷ୍ଟାଣ୍ଟ ବିଜୟ ପାଢୀଙ୍କୁ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିକୁ ବଦଳି ହୋଇଛି। ଏହାଛଡା କାଶୀନଗରରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ଶାନ୍ତା ରାଓଙ୍କୁ ମଧ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ଏହି ବଦଳି ଆଦେଶକୁ ତୁରନ୍ତ କାର୍ଯ୍ୟକାରି କରିବା ପାଇଁ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ଓ କାଶୀନଗର ଏନ୍ଏସି ଅଧିକାରୀଙ୍କୁ ଜିଲାପାଙ୍କ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ,ଏହି କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥିବା ଯୋଗୁ ଏପରି କରାଯାଇଛି।

## ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

ଭଞ୍ଜନଗର,୨୨।୫(ଡି.ଏନ.ଏ.): ତାରସିଂ ପୋଲିସ ସ୍ତ୍ରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବୁଢ଼ାବାରିର ସ୍ୱାମୀ ଦିଲୀପ ଦାସଙ୍କୁ ରବିବାର ଭଞ୍ଜନଗର କୋର୍ଟ ଚାଲାଣ କରିଛି। ଦିଲୀପ ଶନିବାର ସ୍ତ୍ରୀ ମାଳାଙ୍କୁ କୌଣସି କାରଣରୁ ଆକ୍ରମଣ କରିଥିଲେ। ଫଳରେ ମାଳାଙ୍କ ହାତ ଗୋଡ଼ରେ ପ୍ରବଳ ଆଘାତ ଲାଗିଥିଲା। ଏହି ସମୟରେ ମାଳାଙ୍କ ଶାଶୁ ଶଶୁର ମଧ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। ଆହତମାନେ ଭଞ୍ଜନଗର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିଲୀପଙ୍କୁ ଗିରଫ କରଛି ବୋଲି ଥାନାଧିକାରୀ କହିଛନ୍ତି।

## ଏନ୍ଏସି ଉପାଧ୍ୟକ୍ଷଙ୍କ ଚାମ୍ବର ଉଦ୍‌ଘାଟିତ

କାଶୀନଗର,୨୨।୫: କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ ଭାବେ ନିର୍ବାଚିତ ହୋଇଥିବା ଉପାଧ୍ୟକ୍ଷ ରଘୁରାମ ସାହୁ ଏନ୍ଏସିରେ ତାଙ୍କ ପାଇଁ ଉଦ୍ଦିଷ୍ଟ ନୂତନ ଗୃହ (ଚାମ୍ବର)କୁ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଉପାଧ୍ୟକ୍ଷ ସାହୁ ନୂତନ ଗୃହ ପ୍ରବେଶ କରି ତାଙ୍କ କାର୍ଯ୍ୟାଳୟ ଆରମ୍ଭ କରିଥିଲେ। କାଉନସିଲର କେ.ରାମାରାଓ, ଏନ୍ଏସିର ଉନ୍ନୟନ କମିଟି ସଦସ୍ୟ ଏମ୍. ପ୍ରବୀଣ କୁମାର ଓ ବହୁ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉପାଧ୍ୟକ୍ଷଙ୍କୁ କଲ୍ୟାଣ ମଣ୍ଡପର ଗୋଟିଏ ରୁମ ଦିଆଯାଇଥିବା ନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ୧୩୧ ୟୁନିଟ୍ ରକ୍ତ ସଂଗ୍ରହ

ଶେରଗଡ଼,୨୨।୫(ଡି.ଏନ୍.ଏ.): ଶେରଗଡ଼ ଥାନା ପରିସରରେ ଆମ ପୋଲିସ ସମିତି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩୧ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅତିଥି ଭାବେ ଏସ୍‌ଡିପିଓ ଉମାଚରଣ ସିଂ ଶିବିରକୁ ଏହାର ସୁଭାରମ୍ଭ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ବ୍ରିଜେଶ କୁମାର ରଏ ଯୋଗ ଦେଇଥିଲେ। ଏହି ଶିବିରରେ ନିର୍ବାଚିତ ପ୍ରତିନିଧି, ନେତା, ଯୁବ ବନ୍ଧୁ, ଜନସାଧାରଣଙ୍କୁ ଏକାଠି କରି ଏ ପ୍ରକାର ପଦକ୍ଷେପ ନେଇଛନ୍ତି। ଏଣୁ ଏହି ପ୍ରଚେଷ୍ଟା ଜାରି ରହୁ ବୋଲି କହିଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଶିବିରରେ ପାଟପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ, ନେତା ହୃଷିକେଶ ପାଢ଼ୀ, ହିନ ବେହେରା, ପ୍ରସନ୍ନ କୁମାର ପଣ୍ଡା, ବାସୁଦେବ ରାଉତ, ଗୌର ହରି ବିଷୋୟୀ, ଚେଇନ ପାତ୍ର, ଅବନୀ କୁମାର ଦାଶ, ଗୋଠଗାଁ ସରପଞ୍ଚ କୃଷ୍ଣ ଚନ୍ଦ୍ର ସୁଆଁସିଆ, ମହୁପଦର ସରପଞ୍ଚ ଟୁକୁନା ଦାସ, ବୁଢ଼ା ପ୍ରଧାନ, ଚିତ୍ତରଞ୍ଜନ ପାଣିଗ୍ରାହୀ, ସମୀର ପ୍ରଧାନ, ବାସୁଦେବ ସ୍ୱାଇଁ, ଶ୍ରୀଦୀପ ମହାପାତ୍ର ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଥାନାଧିକାରୀ ମନୋଜ କୁମାର ପ୍ରଧାନ ଶିବିରକୁ ପରିଚାଳନା କରିଥିଲେ।

# କୋଟିପତି ନିଶା ଜାଲରେ ଯୁବବର୍ଗ, ବଢୁଛି ଅପରାଧ

## ଆଇପିଏଲ୍ କ୍ରିକେଟ ସଟ୍ଟା ଯୁବକଙ୍କୁ କରୁଛି ସର୍ବସ୍ୱାନ୍ତ

ଦିଗପହଣ୍ଡି,୨୨।୫(ଡି.ଏନ.ଏ.)

ଦିଗପହଣ୍ଡି ସହର ଓ ଗ୍ରାମାଞ୍ଚଳଗୁଡ଼ିକରେ ଗତ କିଛିଦିନ ହେଲା ଆଇପିଏଲ୍ କ୍ରିକେଟ ସଟ୍ଟା ଅନେକ ଯୁବକଙ୍କୁ ସର୍ବସ୍ୱାନ୍ତ କରିଛି। ଆଇପିଏଲ୍ ଯୋଗୁ ଅନେକ ଲୋକ ଘର, ଜମିବାଡ଼ି ବିକ୍ରି କରିଦେଉଥିବା ନଜରକୁ ଆସୁଛି। ଆଇପିଏଲ୍ କ୍ରିକେଟ ଖେଳରେ ଦୁଇ ପ୍ରତିପକ୍ଷ ଟିମ୍ ମଧ୍ୟରୁ କିଏ ଜିତିବ, କିଏ ହାରିବ ସେନେଇ ଟଙ୍କା ବାଜି ଲଗାଯାଉଛି। ସେହିଭଳି ମ୍ୟାଚର ପ୍ରତି ଓଭରରେ କେତେ ସ୍କୋର ହେବ ସେ ନେଇ ଆକଳନ କରି ଟଙ୍କା ବାଜି ଲଗାଇବା, ଛକା, ଚଉକା, ପ୍ରତି ଉଇକେଟ, କ୍ୟାଚ, ଦଳଗତ ରନ ସ୍କୋର, ବ୍ୟାଟ୍ସମ୍ୟାନଙ୍କ ବ୍ୟକ୍ତିଗତ ରନ ସ୍କୋରରେ ଯୁବକମାନେ ଟଙ୍କା ଲଗାଉଛନ୍ତି। ଯେଉଁ ଟିମ୍‌ରେ ଟଙ୍କା ଲଗାଉଛନ୍ତି ସେହି ଟିମ୍ ଯଦି ଜିତିବ ତା'ହେଲେ ୨ ଗୁଣାରୁ ୮୦ ଗୁଣା ଟଙ୍କା ମିଳିବ। ଯଦି ଯେଉଁ ଟିମ୍ ବିପକ୍ଷରେ ଟଙ୍କା ଲଗାଯାଇଥିବ ସେହି ଟିମ୍ ଯଦି ହାରିଯିବ ତା'ହେଲେ ଟଙ୍କା ବାଜି ଲଗାଇଥିବା ବ୍ୟକ୍ତି ସର୍ବସ୍ୱାନ୍ତ ହେବା ସୁନିଶ୍ଚିତ। ଆଇପିଏଲ ବେଟିଂକୁ ନେଇ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳର କିଛି ନିର୍ଦ୍ଦିଷ୍ଟ ଯୁବକ, ପ୍ଲଟ ବ୍ୟବସାୟୀ ଏହି ସଟ୍ଟା କାରବାରକୁ ନିୟନ୍ତ୍ରଣ କରି ସମଗ୍ର ସହର ଏବଂ ଆଖପାଖ ପ୍ରମୁଖ ଗ୍ରାମଗୁଡ଼ିକରେ ନିଜର ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ଆଇପିଏଲ ଲିଗ୍ ମ୍ୟାଚଗୁଡ଼ିକରେ ପ୍ରତି ଓଭର ସମେତ ବଲ ପିଛା ବ୍ୟାଟିଂ ଚାଲୁଥିବା ବେଳେ କେତେ ଓଭରରେ କେତେ ରନ୍ ହେବ ଏବଂ କେତେ ବଲ୍‌ରେ ଉଇକେଟ ଖସିବ ସେନେଇ ମଧ୍ୟ ବେଟିଂରେ ପ୍ରଚୁର ପରିମାଣର ଅର୍ଥ ବାଜି ଲାଗୁଥିବା ଜାଣିବାକୁ ମିଳିଛି। ଗତ ଏପ୍ରିଲ ୨୦ରେ ପାଟପୁର ଥାନା ପୋଡାମାରି କଲେଜ ପଡିଆରେ କେତେଜଣ ଯୁବକ ଆଇପିଏଲ୍ ବେଟିଂରେ ଟଙ୍କା ବାଜି ଲଗାଇ ଖେଳୁଥିବା ବେଳେ ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧ ଲକ୍ଷ ୪୫ ହଜାର ଟଙ୍କା ସହ ୬ ମୋବାଇଲ ଜବତ କରିବା ସହ ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଅନଲାଇନ ମାଧ୍ୟମରେ ଆଇପିଏଲ ସଟ୍ଟା ଚାଲୁଥିବାରୁ ପୋଲିସ ଏ ଦିଗରେ ସାମାନ୍ୟତମ ସୂଚନା ପାଇ ପାରୁନାହିଁ। ବହୁ ବର୍ଷ ହେଲା ଅନଲାଇନ ଲୁଡ଼ ଖେଳରେ ମଧ୍ୟ ପ୍ରଚୁର ଅର୍ଥ ବାଜି ଲାଗୁଛି। ଆଇପିଏଲ୍ ବ୍ୟାଟିଂକୁ ନେଇ ଅସାମାଜିକ ଯୁବକମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢୁଛି। କେତେକ ଜଣାଶୁଣା ବ୍ୟବସାୟୀଙ୍କ ସମେତ ଧନଶାଳୀ ଘରର କଲେଜ ପଢୁଆ ପିଲାମାନେ ଏବେ ଆଇପିଏଲ ବେଟିଂ ନିଶାରେ ପଡିଯାଇଛନ୍ତି। ଆଇପିଏଲ୍ ବେଟିଂରେ ସର୍ବସ୍ୱ ହରାଇବା ପରେ ପ୍ରତିଦିନ ଏହି ଘଟଣାକୁ କେନ୍ଦ୍ରକରି ମାରପିଟ ଘଟଣା ଯୋଗୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଏନେଇ ଟିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରାଙ୍କୁ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ ଠିକ୍ ସୂଚନା ମିଳିଲେ ଆଇପିଏଲ୍ ବୁକିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇପିଏଲ ବେଟିଂକୁ ନେଇ ଦିଗପହଣ୍ଡି ଥାନା ଅଞ୍ଚଳରେ କୌଣସି ଅଘଟଣ ହେବା ତାଙ୍କ ନଜରକୁ ଆସିନାହିଁ। ଯଦି କୌଣସି ଯୁବକ କିମ୍ବା ବ୍ୟକ୍ତି ଆର୍ଥିକ ଶୋଷଣର ଶିକାର ହୋଇଥାନ୍ତି ତା'ହେଲେ ଥାନାରେ ଏତଲା ଦେଲେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ନୂଆ ଏସ୍‌ପି ଶ୍ରବଣ ବିବେକ ଏମ୍ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବ୍ଲକ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୨୨।୫(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଅନ୍ତର୍ଗତ କଣମଣା ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ଏଥିରେ ଦୁଇ ପୂର୍ବତନ ବିଧାୟକ ରାମଚନ୍ଦ୍ର ପଣ୍ଡା ଓ ପ୍ରିୟାଂଶୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି। ପଞ୍ଚାୟତର ଟାକିରିଆବ୍ରହ୍ମପୁର, କଣମଣା, ମାଟିଖାଲ, ଚଷାକଣାମଣା, ବାଟଛତ୍ରପୁର, ତରେଇପାଟପୁର ବିଭିନ୍ନ ଗାଁ ଶୋଭାଯାତ୍ରାରେ ବୁଲି ଥିଲେ। ଅନ୍ୟତମ ଅତିଥି ଭାବେ ୨ ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ୍ କିଶୋର ଚନ୍ଦ୍ର ରେଡ୍ଡୀ ଓ ମୁନା ଦାସ, ବରିଷ୍ଠ ଆଇନଜୀବୀ ପି ଧର୍ମା ରେଡ୍ଡୀ, ୱାର୍ଦାରାଜୁଲୁ ରେଡ୍ଡୀ, ବରିଷ୍ଠ ବିଜେଡି ନେତା ଅଶୋକ ପାଣିଗ୍ରାହୀ, ଯୁବ ନେତା ଜ୍ୟୋତି ରଞ୍ଜନ ସାହୁ, ଦିଲେଶ୍ୱର ରେଡ୍ଡୀ, ତ୍ରିଲୋଚନ ବେହେରା, ଟି ନରସିଂହ ରେଡ୍ଡୀ, ବାଦଲ ବେହେରା, ସ୍ୱପ୍ନେଶ୍ୱର ନାହାକ, ବାପି ଦାସ, ଭବାନୀ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧରାକୋଟରେ ରୋଡ୍ ମ୍ୟାପ ପ୍ରସ୍ତୁତି ଆରମ୍ଭ

ଧରାକୋଟ,୨୨।୫(ଡି.ଏନ୍.ଏ.)

ଧରାକୋଟରେ ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲଙ୍ଗେ ସଦ୍ୟ ନିର୍ମିତ ତାରାତାରିଣୀ ମନ୍ଦିରର ସ୍ଥପତି ନାରାୟଣ ତ୍ରୀପାଠୀଙ୍କ ସହ ଧରାକୋଟରେ ପହଞ୍ଚିଥିଲେ। ଧରାକୋଟର ପୁରାତନ ଜଗନ୍ନାଥ ମନ୍ଦିର, ଆଡ଼ପ ମନ୍ଦିର ଓ ପୁରାତନ ନିର୍ମାଣାଧୀନ ଦୋଳ ମଣ୍ଡପକୁ ପରିଦର୍ଶନ କରିଥିଲେ। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଜଗନ୍ନାଥ ମନ୍ଦିର ସହ ପରିସରରେ ଥିବା ଯଜ୍ଞ ମଣ୍ଡପ, କୋଇଲି ବୈକୁଣ୍ଠ, ରୋଷଶାଳ, ସ୍ନାନ ମଣ୍ଡପ, ଚାହାଣି ମଣ୍ଡପର ବିକାଶ ମନ୍ଦିର ପାର୍ଶ କାନ୍ଥରେ ଥିବା ପଟଚିତ୍ରର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ମନ୍ଦିରର ଭିତ୍ତିଭୂମିର ବିକାଶ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ନୂତନ ଢାଞ୍ଚାରେ ଭିତ୍ତି ଭୂମିର ପରିବର୍ତ୍ତନ କରିବା ପାଇଁ ସ୍ଥପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ଭିତରେ ସ୍ୱଚ୍ଛତା ବଜାୟ ରଖିବା ସହ ମନ୍ଦିର ଚତୁପାର୍ଶ୍ୱରେ ଥିବା ବେଆଇନ ଜବର ଦଖଲକୁ ତୁରନ୍ତ ଉଚ୍ଛେଦ ପାଇଁ ଧରାକୋଟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର ନାର୍ଦ୍ଦମା ପାଣି ଯେପରି ପୋଖରୀରେ ପ୍ରବେଶ ନ କରିବ ସେଥିପାଇଁ ଗୁରୁତ୍ୱ ଦେବାକୁ କହିଥିଲେ। ବଡ଼ଦାଣ୍ଡ ସାହି ରାସ୍ତାର ନବୀକରଣ ସହ ରାସ୍ତାର ଉଭୟ ପାର୍ଶ୍ୱରେ ଚାରା ରୋପଣ ସହ ଆଲୋକିକରଣ ଓ ଫୁଲ ଗଛ ଲଗାଇବା ଉପରେ ଗୁରୁତ୍ୱ ଦେବା ସହ ଉଚ୍ଚ ଶକ୍ତି ସମ୍ପର୍ନ୍ନ ବିଦ୍ୟୁତ୍ ତାରକୁ ଅନ୍ୟତ୍ର ହଟାଇବା, ଆଡ଼ପ ମନ୍ଦିରରୁ ତିରିଶି ବର୍ଷ ତଳୁ ଚୋରି ହୋଇଥିବା ବିରଳ ଗରୁଡ଼ ମୂର୍ତ୍ତି ଯାହାକି ବାଲୁ ଗାଁ ଥାନାରେ ରହିଥିବା ମୂର୍ତ୍ତିକୁ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଧରାକୋଟ ଅଞ୍ଚଳରେ ରହିଥିବା ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଏହାକୁ ଗଞ୍ଜାମ ପର୍ଯ୍ୟଟନ ମାନଚିତ୍ରରେ ସାମିଲ ପାଇଁ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ସ୍ଥାନୀୟ ବିଡିଓ, ତହସିଲଦାର ଓ ସ୍ଥପତିଙ୍କୁ ନିର୍ଦ୍ଦେଶ ଦେବା ସହ ଉପସ୍ଥିତ ଥିବା ଧରାକୋଟ ଗ୍ରାମବାସୀଙ୍କୁ ଏଥିପାଇଁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଧରକୋଟର ଏନ୍ଏସିର ସମସ୍ତ ଯୋଗ୍ୟ ମାନ୍ୟତା ଥିବା ଯୋଗୁ ଏହା ଶୀଘ୍ର ଏନ୍ଏସିରେ ସାମିଲ ହେବାକୁ ଯାଉଥିବା ସୂଚନା ଦେଇଥିଲେ। ବିଡିଓ ତହସିଲଦାର ୭ ଦିନ ସହ ଯୁଦ୍ଧକାଳୀନ ଭିତ୍ତିରେ ରୋଡ ମ୍ୟାପ ପ୍ରସ୍ତୁତ କରି ଏହାର ନକ୍ସା ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳ ଧରାକୋଟ ଜଗନ୍ନାଥ ମନ୍ଦିର ପରିଦର୍ଶନ କରୁଛନ୍ତି।

# ଦୁର୍ଘଟଣାରେ ଆହତ ଶ୍ରମିକଙ୍କ ମୃତ୍ୟୁ, ଚିନିଶିଳ୍ପରେ ଉତ୍ତେଜନା



ଚିନିକଳ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ବିକ୍ଷୋଭ କରୁଛନ୍ତି।

ଆସିକା,୨୨।୫(ଡି.ଏନ୍. ଏ.)

ଆସିକା ସମବାୟ ଚିନିଶିଳ୍ପର ଡିଷ୍ଟିଲାରି ପ୍ଲାଣ୍ଟ ମରାମତି ବେଳେ ଗତ ସୋମବାର ରାତିରେ ଦୁର୍ଘଟଣାରେ ୨ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ବିଘ୍ନେଶ୍ୱର ବେହେରା ଓ ଶ୍ୟାମ ନାରାୟଣ ରାୟ। ରବିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ବିଘ୍ନେଶ୍ୱରଙ୍କ ମୃତ୍ୟୁ ଘଟିଛି। ବିଘ୍ନେଶ୍ୱରଙ୍କ ଘର ଆସିକା ଥାନା ଅନ୍ତର୍ଗତ ହରିଡାପଦର ଗ୍ରାମରେ। ସେ ଚିନିଶିଳ୍ପରେ ଦୀର୍ଘଦିନ ଧରି ଜଣେ ଏନଏମଆର ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। ସେହିଭଳି ନିୟମିତ ଚାକିରି କରୁଥିବା ଆହତ ଶ୍ୟାମ ନାରାୟଣ ରାୟ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେମାନଙ୍କ ଶରୀରର ୭୦ ପ୍ରତିଶ୍ରତ ଜଳିଯାଇଛି। ଅପରପକ୍ଷେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଚିନିଶିଳ୍ପ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ରବିବାର ରାତିରେ ମୃତଦେହ ଚିନିଶିଳ୍ପରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ଚିନିଶିଳ୍ପ ଫାଟକ ସମ୍ମୁଖରେ ଭିଡ ଜମାଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି। ଚିନିଶିଳ୍ପ କର୍ମଚାରୀ ସଂଘର ସଭାପତି ରାମକୃଷ୍ଣ ପଣ୍ଡା ଭୁବନେଶ୍ୱର ଡାକ୍ତରଖାନାରେ ପହଞ୍ଚି ମୃତକ ଓ ଆହତଙ୍କ ପରିସ୍ଥିତି ଅନୁଧ୍ୟାନ ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସଂଘର ଉପସଭାପତି ଅଳକନାଥ ମିଶ୍ର, ଶ୍ରମିକ ନେତା ବିଦେଶୀ ନାହାକ, କର୍ମଚାରୀ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ନାହାକ ପ୍ରମୁଖ ଚିନିଶିଳ୍ପରେ ଉପସ୍ଥିତ ଅଛନ୍ତି। କର୍ମଚାରୀ ସଂଘ ପକ୍ଷରୁ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ମୃତ ଶ୍ରମିକଙ୍କ ପରିବାରରୁ ଜଣକୁ କାରଖାନାରେ ସ୍ଥାୟୀ ନିଯୁକ୍ତି ଏବଂ ମୃତ ଶ୍ରମିକଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ସମସ୍ତ ସହାୟତା କାରଖାନା ପ୍ରଦାନ କରିବା ଲାଗି ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ଏହି ଖବର ଲେଖାହେବା ଯାଏଁ କୌଣସି ସମାଧାନ ହୋଇନଥିବା ଜଣାଯାଇଛି। ସୂଚନାଯୋଗ୍ୟ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ଥିବା ଚିନିଶିଳ୍ପର ଡିଷ୍ଟିଲାରି ପ୍ଲାଣ୍ଟକୁ ପୁନଃ କାର୍ଯ୍ୟକ୍ଷମ ଲାଗି ମରାମତି କାର୍ଯ୍ୟ ଚାଲୁ ରହିଥିଲା ବେଳେ ସୋମବାର ରାତିରେ ଦୁର୍ଘଟଣା ଘଟି ବଏଲରରୁ ନିର୍ଗତ ଉତ୍ତପ୍ତ ବାଷ୍ପର ପ୍ରଭାବରେ ଏହି ଦୁଇ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିସ୍ଥିତି ଗୁରୁତର ଥିବାରୁ ଏଠାରୁ ବ୍ରହ୍ମପୁର ବଡମେଡିକାଲ ନିଆଯାଇଥିଲା। ସେଠାରୁ ମଧ୍ୟ ଅଧିକ ଚିକିତ୍ସା ଆବଶ୍ୟକ ପଡିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କାରଖାନା ପକ୍ଷରୁ ଏହି ଆହତ ଶ୍ରମିକଙ୍କ ଚିକିତ୍ସା ଖର୍ଚ୍ଚ ଚିନିଶିଳ୍ପ କର୍ତ୍ତୃପକ୍ଷ ତୁଲାଇଥିବା ଜଣାପଡିଛି।

# ସ୍ଥାୟୀ ପିଅନ ନିଯୁକ୍ତି ଦାବି

ଆର.ଉଦୟଗିରି,୨୨।୫(ଡି.ଏନ.ଏ.)

ଆର.ଉଦୟଗିରି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାୟୀ ପିଅନ ନଥିବାରୁ ଦୀର୍ଘ ବର୍ଷ ଧରି ପଞ୍ଚାୟତର ବିଭିନ୍ନ କାମରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଅଧିକାରୀମାନେ। ଆର.ଉଦୟଗିରି ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ ସ୍ଥାୟୀ ପିଅନ ଟିଣା ଗୌଡ଼ ଥିଲେ। ୨୦୧୭ରେ ଅବସର ନେବା ପରେ ବର୍ତ୍ତମାନସୁଦ୍ଧା ପଞ୍ଚାୟତରେ ସ୍ଥାୟୀ ପିଅନ ପଦବୀ ଖାଲି ପଡିଛି। ୨୦୧୮ରେ ନବନିର୍ବାଚିତ ସରପଞ୍ଚ ଗୌରଦତ୍ତ ନାମକ ଜଣେ ଯୁବକ ନିଯୁକ୍ତି ଦେଇଥିଲେ। କିଛି ବର୍ଷ କାମ ପରେ ସେ ପିଅନ ବିରୋଧରେ ଅନିୟମିତା ନେଇ ଗ୍ରାମବାସୀ ଅଭିଯୋଗ ପରେ ସେହି ପିଅନଙ୍କୁ ପଞ୍ଚାୟତରୁ ବାହାର କରାଯାଇଥିଲା। ସେହି ଦିନଠାରୁ ପଞ୍ଚାୟତରେ ସ୍ଥାୟୀ ପିଅନ ପଦବୀ ଖାଲି ପଡିଛି। ପଞ୍ଚାୟତର କୌଣସି କାମ ପାଇଁ ଦରକାର ପଡିଲେ ନିଜେ ସରପଞ୍ଚ ଓ ପିଇଓ କାମ କରିବାକୁ ପଡୁଛି। ସରପଞ୍ଚ ନିଜ ସୁବିଧାରେ ପିଅନ ନିଯୁକ୍ତି କରିଥିବା ଅଭିଯୋଗ ହେଉଛି। ସରକାରଙ୍କ ନିୟମ ପ୍ରକାରେ ପିଅନ ନିଯୁକ୍ତି କରାଯାଉନଥିବା ଅଭିଯୋଗ ହେଉଛି। ସାଧାରଣରେ ଦାବି ହେଉଛି ପଞ୍ଚାୟତ ପିଅନ ପଦବି ପଞ୍ଚାୟତରେ ବିଜ୍ଞାପନ ପ୍ରକାଶ କରି ନିଯୁକ୍ତି କରିବାକୁ। ଏ ନେଇ ପଞ୍ଚାୟତ ଅଧିକାରୀ ଦୃଷ୍ଟିଦେଇ ସରକାରଙ୍କ ନିୟମ ପ୍ରକାରେ ପଞ୍ଚାୟତ ପିଅନ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବାଲ୍ୟବିବାହମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଗୋପାଳପୁର,୨୨।୫(ଡି.ଏନ୍.ଏ.)

ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକରେ ବାଲ୍ୟବିବାହମୁକ୍ତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ କେଲୁଆପଲ୍ଲୀ ପଞ୍ଚାୟତରେ କିଆଫୁଲ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଙ୍ଗନୱାଡ଼ି କର୍ମୀ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ଡୁରା, କମଳାପୁର ଓ ଅନ୍ୟ ପଞ୍ଚାୟତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଯୋଗଦେଇ ନାବାଳିକା ନାବାଳକଙ୍କୁ ସମାନ ଦେଖିବା, ଭ୍ରୁଣ ହତ୍ୟା ରୋକିବା ନେଇ ସଚେତନ କରିଥିଲେ। ବିଶ୍ୱନାଥପୁର ସମିତିସଭ୍ୟ ବିଷ୍ଣୁପ୍ରିୟା ନାୟକ ପଞ୍ଚାୟତଗୁଡ଼ିକ ବାଲ୍ୟବିବାହମୁକ୍ତ କରିବାକୁ ସଚେତନ କରାଇଥିଲେ। ସେହିପରି ସମସ୍ତ ବ୍ଲକରେ ନିର୍ଭୟ କଢ଼ି ଓ ଅଦ୍ୱିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁପରଭାଇଜର ମନୀଷା ପଟ୍ଟନାୟକ, ସରସ୍ୱତୀ ବେହେରା, ରଚନା ପ୍ରଧାନ, ବବିତା ନାୟକ, ସୌଦାମିନୀ ସାହୁ, ସତ୍ୟଭାମା ପାଢ଼ୀ, ଭି. ମଣିମାଳ, ମଞ୍ଜୁ ପଟ୍ଟନାୟକ, ତପସ୍ୱିନୀ ସେନାପତି ଉପସ୍ଥିତ ଥିଲେ।

# ବିଶ୍ରାମାଗାରରୁ ରାଜସ୍ୱ କର୍ମଚାରୀଙ୍କ ମୃତଦେହ ଜବତ

## ଅପମିଶ୍ରିତ ମଦ୍ୟପାନ ମୃତ୍ୟୁର କାରଣ

ଦିଗପହଣ୍ଡି,୨୨।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଯାତ୍ରୀ ବିଶ୍ରାମାଗାରରୁ ରବିବାର ଜଣେ ରାଜସ୍ୱ ବିଭାଗ କର୍ମଚାରୀଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ଅଧୀନ ନିମଖଣ୍ଡି ପେଣ୍ଠ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପିଅନ ଭାବେ କାର୍ଯ୍ୟରତ ଉତ୍ତମ କୁମାର ରାଉତ। ବିଶ୍ରାମାଗାରରେ ମୃତ ଦେହ ପଡିଥିବା ଦେଖି କେତେଜଣ ବ୍ୟକ୍ତି ପ୍ରଥମେ ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ରଙ୍କୁ ସୂଚନା ଦେଇଥିଲେ। ତହସିଲଦାରଙ୍କ ପରାମର୍ଶ କ୍ରମେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା ଏବଂ ରାଜସ୍ୱ ନିରୀକ୍ଷକ ବିଘ୍ନେଶ୍ୱର ଆଚାର୍ଯ୍ୟ ପ୍ରମୁଖ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବରୁ କର୍ମଚାରୀ ଜଣକ ବିଭିନ୍ନ ସମୟରେ ପ୍ରଚୁର ମଦ୍ୟପାନ କରିଆସୁଥିବା ବେଳେ ବିଗତ କିଛିଦିନ ହେଲା ଭୀଷ୍ମଗିରି, ନିମଖଣ୍ଡି ପେଣ୍ଠ ଏବଂ ପଦ୍ମନାଭପୁର ଭଳି ପଞ୍ଚାୟତରେ ଅପମିଶ୍ରିତ ମଦ କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଥିଲା। ଶନିବାର ପ୍ରଚୁର ମଦ୍ୟପାନ କରି ସମ୍ପୂର୍ଣ୍ଣ ଅସୁସ୍ଥ ହୋଇ ପଡିଥିବା ଗୌତମୀ ଗ୍ରାମର ଧ୍ରୁବ ବେହେରାଙ୍କୁ ପଦ୍ମନାଭପୁର ରାସ୍ତା କଡରୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ରବିବାର ମୃତ୍ୟୁବରଣ କରିଥିଲେ। କର୍ମଚାରୀ ଜଣକ ମଧ୍ୟ ଅତ୍ୟଧିକ ମଦ୍ୟପାନ କରିଥିବା କେତେଜଣ ପୋଲିସକୁ କହିଛନ୍ତି।

ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଥିଲେ ମଧ୍ୟ ଅପମିଶ୍ରିତ ମଦ୍ୟପାନ କରି କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଇଛି। ଏନେଇ ଦିଗପହଣ୍ଡି ଅବକାରୀ ଉପ ନିରୀକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ଅପମିଶ୍ରିତ ଚୋରା ମଦ କାରବାର ବିରୋଧରେ ନିୟମିତ ବ୍ୟବଧାନରେ ଚଢ଼ାଉ, ଧରପଗଡ କରାଯାଉଛି। ଅତ୍ୟଧିକ ମଦ୍ୟପାନ କରି କେହି ମୃତ୍ୟୁବରଣ କଲେ ଆମେ କ'ଣ କରିପାରିବୁ ବୋଲି କହିଛନ୍ତି। ଜିଲା ପ୍ରଶାସନ ଏବଂ ଜିଲା ଅବକାରୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରେ ଅପମିଶ୍ରିତ ମଦ ପ୍ରସ୍ତୁତି ଓ ବିକ୍ରି ବନ୍ଦ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଗାଁକୁ ଭଲ ରାସ୍ତା ନାହିଁ

ବଲସକୁମ୍ପା,୨୨।୫

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗାଁକୁ ଭଲ ରାସ୍ତା ନିର୍ମାଣ ହୋଇନାହିଁ। ଲୋକେ ପଞ୍ଚାୟତ କିମ୍ବା ବ୍ଲକକୁ ଯିବାଲାଗି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲ ଢିପ ପାହାଡ଼ ପର୍ବତ ଦେଇ ନିତିଦିନ ଯିବା ଆସିବା କରିବାକୁ ପଡୁଛି ସେମାନଙ୍କୁ। ପ୍ରାୟ ୨୦ ବର୍ଷ ତଳେ ରାସ୍ତା ନିର୍ମାଣ କରାଯାଇଥିଲା। ତାହା ଏବେ ଭାଙ୍ଗିରୁଜି ଜଙ୍ଗଲ ହୋଇ ଗଲାଣି।

ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ସୁଡ୍ରୁକୁମ୍ପା ପଞ୍ଚାୟତ ସର୍କେସରୁ ଠାରୁ ବାଣାମେରୁ ଅଞ୍ଚଳକୁ ରାସ୍ତା ନ ଥିବା ଅଭିଯୋଗ ହେଉଛି। ଖରା ଦିନରେ ଯେମିତି ସେମିତି ହେଲେ ଯିବା ଆସିବା ହୁଏ କିନ୍ତୁ ବର୍ଷା ଦିନରେ ଅନେକ ସମସ୍ୟା ଭୋଗିବାକୁ ପଡ଼େ ବୋଲି ଗ୍ରାମବାସୀ କହିଛନ୍ତି। ଗାଡ଼ି ମୋଟର ଆମ୍ବୁଲାନ୍ସ ଯିବା ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ ବହୁ ଦୂର ସମ୍ଭବ ନୁହେଁ। ରାସ୍ତା ସମସ୍ୟା ପାଇଁ ବୃଦ୍ଧାବୃଦ୍ଧ ପଞ୍ଚାୟତରୁ ଚାଉଳ ଆଣିବା ଅସମ୍ଭବ। ମୋବାଇଲ ଟାୱାର କଥା ତ ନକହିଲେ ଭଲ, ଇନ୍ଦିରା ଆବାସ ଯୋଜନା ତ ସାତ ସପନ, ସେହିପରି ସେନିଗାଡୁ, ଗାଡାଙ୍ଗୀ, ମାଟିଘଟି ଏଭଳି ବିଭିନ୍ନ ଗ୍ରାମକୁ ବିଜୁଳି ନଥିବାରୁ ସେମାନଙ୍କୁ ଡିବିରି ଆଲୋକ ହିଁ ସାହା ଭରସା। ଜଳ ସେଚନର ସୁବିଧା ନ ଥିବାରୁ ଚାଷ ବାସ ହୋଇ ପାରୁନି ଫଳରେ ଲୋକେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଓ ସରକାର ଦୃଷ୍ଟି ଦେବାକୁ ବାଣାମେରୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



ଖାଲଢିପ ରାସ୍ତା।

# ୧୫ବର୍ଷ ହେଲା ସରୁନି ପୋଖରୀ ଉନ୍ନୟନ କାମ

ପାରଳାଖେମୁଣ୍ଡି,୨୨।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ କ୍ରୀଷ୍ଣା ସିନେମାହଲ ସମ୍ମୁଖରେଥିବା ଶଙ୍ଖୁରୀ ପୋଖରୀର ଉନ୍ନୟନ କାମ ଦୀର୍ଘ ୧୫ବର୍ଷ ହେଲା ସରୁନି। ଏହି ୧୫ ବର୍ଷ ମଧ୍ୟରେ କେତେଥର ଯେ ବିଲ ହୋଇଛି, କେତେଥର ଯେ ଠିକାଦାର ବିଲ ନେଇଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡୁନଥିବା ବେଳେ ବର୍ତ୍ତମାନ ପୁଣି ଏହି ପୋଖରୀର ଉନ୍ନୟନ କାମ ପାଇଁ ପୌରପରିଷଦ ଅଣ୍ଟା ଭିଡିଛି। ହେଲେ ଏ ନେଇ ଖର୍ଚ୍ଚ କିମ୍ବା କାମ ସମ୍ବନ୍ଧୀୟ କୌଣସି ସୂଚନା ଫଳକ ମାରି ନାହିଁ ପୌରପରିଷଦ। ସୂଚନାଯୋଗ୍ୟ, ଏହି ପୋଖରୀର ଉନ୍ନୟନ କାମ ପାଇଁ ପ୍ରାୟ ୧୫ବର୍ଷ ପୂର୍ବେ ଅଣ୍ଟା ଭିଡିଥିଲା ପୌର ପ୍ରଶାସନ। ତେବେ କିଛି କାମ କରିବା ପରେ ପୋଖରୀର ହୁଡା ଏବଂ ଏହାର ପାର୍ଶ୍ୱରେ ଥିବା ଏକ ନାଳକୁ ଓସାରିଆ କରିଦେଇଥିଲା। ଏହା ଫଳରେ ପୋଖରୀ ସଙ୍କୁଚିତ ହେବା ସହ ମୁଖ୍ୟ ନାଳ ମୁଖ୍ୟ ରାସ୍ତା କଡରେ ପ୍ରବାହିତ ହେଉଥିବାରୁ ରାସ୍ତା ଧସିବାକୁ ବସିଛି। ଇତି ମଧ୍ୟରେ ଏହି ପଖୋରୀ ଉପରେ ଭରସା ବା ଜୀବନ ଜୀବୀକା କରୁଥିବା ମତ୍ସ୍ୟଜୀବୀମାନେ ସେମାନଙ୍କ ଜୀବୀକା ହରାଇଛନ୍ତି। ଏହି ପୋଖରୀରେ ପ୍ରାୟ ମତ୍ସ୍ୟ ଜୀବୀମାନେ ମାଛ ଚାଷ କରି ଜୀବୀକା ଗୁଜାରଣ କରୁଥିଲେ। ହେଲେ ପଖୋରୀର କାମ ସରିବାର ନାମଗନ୍ଧ ନେଉ ନଥିବାବେଳେ ବର୍ତ୍ତମାନ ପୁନର୍ବାର ଉନ୍ନୟନ କାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ପୋଖରୀକୁ ସମ ତୁଳ କରି ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ମସୁଧା ଚଳାଇଛି ପୌରପରିଷଦ। ରଜା ରାଜୁଡା ଶାସନ ସମୟରେ ସହରରେ ଜଳ କଷ୍ଟରୁ ବଞ୍ଚିତ ହେବାପାଇଁ ତତ୍କାଳୀନ ରାଜାମାନେ ସେମାନଙ୍କ ଶାସନ ଅମଳରେ ବିଭିନ୍ନ ଜଳାଶୟ ଗୁଡିକୁ ଖନନ କରି ଲୋକାର୍ପିତ କରିଥିଲେ। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପୋଖରୀ ଗୁଡିକ ଅତି ପୁରାତନ ତଥା ରକ୍ଷଣାବେକ୍ଷଣ ଅଭାବରୁ ଏହି ଜଳାଶୟ ଗୁଡିକ ପୋତି ହୋଇପଡିଥିଲା। ହେଲେ ପୋଖରୀ ଗୁଡିକ ବର୍ତ୍ତମାନ ଉନ୍ନୟନ ନାମରେ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାର ସେତୁ ପାଲଟିଛି ବୋଲିସ ଆଲୋଚନା ହେଉଛି।



ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀ।

## ସଂକ୍ଷେପରେ

### କାହ୍ନୁ ଚରଣ ପାଢ଼ୀ ଏସ୍‌ବି କଲେଜ ନୂତନ ଅଧକ୍ଷ

ବ୍ରହ୍ମପୁର ଅଫିସ,୨୨।୫: ବ୍ରହ୍ମପୁର ସହରର ପ୍ରତିଷ୍ଠିତ ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ନୂତନ ଅଧକ୍ଷଭାବେ ଡ.



କାହ୍ନୁ ଚରଣ ପାଢ଼ୀ ଜୁନ୍ ୧ରୁ ଦାୟିତ୍ୱ ଗ୍ରହଣ କରିବେ। ସୂଚନାଯୋଗ୍ୟ, ପୂର୍ବରୁ ମହାବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ଥିବା ପ୍ରଫେସର ମହେନ୍ଦ୍ର କୁମାର ମିଶ୍ରଙ୍କ କାର୍ଯ୍ୟକାଳ ମେ'୩୦ରେ ଶେଷ ହେବାକୁ ଯାଉଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଅଧକ୍ଷ ମନୋନୀତ ହୋଇଥିବା ପାଢ଼ୀ ଦୀର୍ଘବର୍ଷ ହେବ ଏହି ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ମୁଖ୍ୟ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଆସୁଛନ୍ତି।

### ଏମ୍‌କେସିଜି ଲାବରେଟୋରି ଭଙ୍ଗାରୁଜା

#### ପୋଲିସ କବ୍‌ଜାରେ ୨ ଚୋର

ବ୍ରହ୍ମପୁର ଅଫିସ,୨୨।୫: ବ୍ରହ୍ମପୁର ବଡ ମେଡିକାଲ କଲେଜ ଲାବରେଟୋରୀ ଭଙ୍ଗାରୁଜା ଓ ସେଠାରୁ ସାମଗ୍ରୀ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଦୁଇ ଜଣ ଚୋରଙ୍କୁ ରବିବାର କାବୁ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଆନ୍ଧ୍ରପ୍ରଦେଶ କାଶୀବୁଗା ଥାନା ଅନ୍ତର୍ଗତ ପଲାସାର ପି. କ୍ରିଷ୍ଣା (୨୨) ଓ ଅନ୍ୟଜଣେ ହେଲା ଗୋଲନ୍ଥରା ଥାନା ଅନ୍ତର୍ଗତ ଗୋଲନ୍ଥରା ଚଟିର ଡ଼ି.ପ୍ରଦୀପ ଦୋରା (୨୭)। ଥାନାରେ ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଏମ୍‌କେସିଜି ମେଡିକାଲ କଲେଜର ଲାବୋରେଟୋରୀରେ କେହି ଦୁର୍ବୃତ୍ତ ପଶି ସେଠାରେ ଖଞ୍ଜା ଯାଇଥିବା ମୂଲ୍ୟବାନ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଏପରିକି ସେଠାରେ ଥିବା କେତେକ ସାମଗ୍ରୀ ମଧ ଚୋରି କରି ନେଇଥିଲେ। ଏନେଇ ଏମକେସିଜି ଅଧକ୍ଷ ପ୍ରଫେସର ଡା. ଅବନୀକାନ୍ତ ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ.୧୫୭/୨୨ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରି ୨ ଯୁବକଙ୍କୁ କାବୁ କରିଥିବା କହିଛି।

### ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ସାଧାରଣ ବୈଠକ

ବ୍ରହ୍ମପୁର ଅଫିସ୍,୨୨।୫: ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ସାଧାରଣ ବୈଠକ ଶନିବାର ଗଜପତିନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ.ବାଞ୍ଛାନିଧି ଦାଶ ସଭାପତିତ୍ୱ କରିଥିଲେ। ବୈଠକରେ ପରିଷଦ ବାର୍ଷିକ ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଏଥିସହ ଖଲ୍ଲିକୋଟ ଆଠଗଡ ବହୁଳ ଗଡଜାତ ଅଂଚଳରେ ହାଇସ୍କୁଲଗୁଡିକରେ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହେଉଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ସମ୍ବର୍ଦ୍ଧନା ଉତ୍ସବ ଜୁଲାଇରେ ହେବା ନେଇ ବୈଠକରେ ସ୍ଥିର ହୋଇଥିଲା। ପରିଷଦ ସହ ସମ୍ପାଦକ ବିଜୟ କୁମାର ପାଢ଼ୀ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ନନ୍ଦ, କିଶୋର ଚନ୍ଦ୍ର ପଣ୍ଡା, ବିଚିତ୍ର ପଟ୍ଟନାୟକ, ସୁବାଷ ଚନ୍ଦ୍ର ସୁବୁଦ୍ଧି, ଦେବୀ ପ୍ରସାଦ ମହାପାତ୍ର, ଭାସ୍କର ସାହାଣୀ ଓ ପଦ୍ମ ଲୋଚନ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଏମ୍‌ସି କାର୍ଯ୍ୟାଳୟରେ ଖତ ଖାଉଛି ଡଷ୍ଟବିନ

ବ୍ରହ୍ମପୁର ଅଫିସ୍,୨୨।୫



ବିଏମସି କାର୍ଯ୍ୟାଳୟରେ ପଡି ରହିଥିବା ଡଷ୍ଟବିନ।

ବ୍ରହ୍ମପୁର ମହାନଗରକୁ ସ୍ୱଚ୍ଛ ସର୍ବେକ୍ଷଣ ଦୌଡରେ ପ୍ରଥମ ସ୍ଥାନକୁ ନେଇ ବିଏମସି ଆଶା ରଖିଛି। ବିଏମସି ପକ୍ଷରୁ ସ୍ୱଚ୍ଛତାକୁ ନେଇ ଜନସାଧାରଣଙ୍କ ମତାମତ ସଂଗ୍ରହ ପ୍ରକ୍ରିୟା ମଧ ସରିଛି। କେବଳ ଫଳାଫଳକୁ ଅପେକ୍ଷା ରହିଛି। ଅନ୍ୟପଟେ ବିଏମସି ପକ୍ଷରୁ ସଫେଇ କର୍ମଚାରୀଙ୍କୁ ସୁରକ୍ଷା ସରଞ୍ଜାମ ସହ ଡ୍ରେନ ସଫେଇ ପାଇଁ ଆଧୁନିକ ଯନ୍ତ୍ରପାତି ଉପଲବ୍ଧ କରାଯାଇଛି। ସହରର ବିଶେଷ କରି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ପରିଷ୍କାର ପାଇଁ ଅଧିକ ଦୃଷ୍ଟି ଦିଆଯିବ। ଏଥିସହ ଅଳିଆ ଆର୍ବଜନା ଏଣେ ତେଣେ ନ ପକାଇ ଅଳିଆ ବୁହା ଗାଡିରେ ପକାଇବା ସଚେତନ କରାଯାଉଛି। ଏଥିସହ ନିୟମ ଉଲଂଘନ କରୁଥିବା ବ୍ୟବସାୟୀଙ୍କ ନିକଟରୁ ଜୋରିମାନା ଆଦାୟ ମଧ କରାଯାଉଛି। କିନ୍ତୁ ବିଏମସି ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ମତାମତ ସଂଗ୍ରହ ସମୟରେ ସାନିଟେସନ ବିଭାଗ ପକ୍ଷରୁ ଆସିଥିବା ଲକ୍ଷାଧିକ ଟଙ୍କାର ଡଷ୍ଟବିନ ବର୍ତ୍ତମାନ ବିଏମସି କାର୍ଯ୍ୟାଳୟ ପରିସରରେ ଖତ ଖାଉଛି। ସୂଚନାଯୋଗ୍ୟ, ବିଏମସି ସାନିଟେସନ ବିଭାଗ ପକ୍ଷରୁ ଏହି ଡଷ୍ଟବିନ ଗୁଡିକ ପୋଖରୀ ଗୁଡିକରେ ୨ଟି ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ୨ଟି ଲେଖାଏଁ ଡଷ୍ଟବିନ ରଖାଯିବା ପାଇଁ ଯୋଜନା ରହିଥିଲା। ଏଭଳି ଭାବେ ସାନିଟେସନ ବିଭାଗ ପକ୍ଷରୁ ୧୦୦ଲିଟରରୁ ଉର୍ଦ୍ଧ୍ୱ ବିଶିଷ୍ଟ ୬୦ଟି ଡଷ୍ଟବିନ କ୍ରୟ କରାଯାଇଥିଲା। କିନ୍ତୁ କ୍ରୟ କରାଯିବା ପରେ ବର୍ତ୍ତମାନ ଏହା ଅବ୍ୟବହୃତ ଭାବେ ବିଏମସି କାର୍ଯ୍ୟାଳୟ ପରିସରରେ ମଧ ପଡି ରହିଛି। ଏଥିମଧରୁ କେତୋଟି ନଷ୍ଟ ହୋଇଯାଇଥିବା ବେଳେ କେତୋଟି ଚୋରି ହୋଇ ଯାଇଥିବା ଅଭିଯୋଗ ହୋଇଛି। ସହରର ସ୍ୱଚ୍ଛତା ନିମନ୍ତେ ଆସିଥିବା ଡଷ୍ଟବିନ ବିଏମସି କାର୍ଯ୍ୟାଳୟ ପରିସରରେ ପଡି ରହିଥିବା ବେଳେ କେଉଁ କାରଣରୁ ଡଷ୍ଟବିନ ବ୍ୟବହାର ନେଇ ପଦକ୍ଷେପ ଗ୍ରହଣ କରଯାଉ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବିଏମସି ଏନଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଡଷ୍ଟବିନ ପ୍ରଦାନ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ସହରର କେଉଁ ସ୍ଥାନରେ ଡଷ୍ଟବିନ ରଖାଯିବ ସେ ନେଇ ତାଲିକା ପ୍ରସ୍ତୁତ କରାଯାଉଛି। ଏ ଦିଗରେ ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଶିବାନୀ ପାଇବେ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର

ବ୍ରହ୍ମପୁର ଅଫିସ,୨୨।୫

### ଏମ୍‌କେସିଜି ନର୍ସିଂ ଅଫିସର



ଶିବାନୀ ଦାଶ।

ବ୍ରହ୍ମପୁର ବଡ଼ମେଡିକାଲ ନର୍ସିଂ ଅଫିସର ଶିବାନୀ ଦାଶ ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପାଇଁ ମନୋନୀତ ହୋଇଛନ୍ତି। ସେବା କ୍ଷେତ୍ରରେ ବହୁମୂଲ୍ୟ ଅବଦାନ ସ୍ୱୀକୃତି ସ୍ୱରୂପ ତାଙ୍କୁ ମିଳିବ ଏହି ସମ୍ମାନଜନକ ପୁରସ୍କାର। ଶିବାନୀ ୨୦୦୭ରୁ ଏମ୍‌କେସିଜି ମେଡିକାଲରେ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି। ସେ ବ୍ରହ୍ମପୁର ଲୋଚାପଡା ମେନ୍‌ରୋଡରେ ରହି ଆସୁଛନ୍ତି। ତାଙ୍କ ନିଜ ଘର ଯାଜପୁର ଜିଲା ଦଶରଥପୁର ବ୍ଲକ ଆସନପୁର ପଞ୍ଚାୟତ କଣ୍ଟାବଣିଆ। ତାଙ୍କ ବାପାଙ୍କ ନାମ ରବି ନାରାୟଣ ଦାଶ ଓ ମାଆଙ୍କ ନାମ ବିଷ୍ଣୁପ୍ରିୟା ଦାଶ।

୨୦୨୧ ବର୍ଷ ପାଇଁ ଏହି ସମ୍ମାନଜନକ ପୁରସ୍କାର ଦେବାକୁ ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ଶିବାନୀଙ୍କ ନାଁ ସୁପାରିସ କରାଯାଇଛି। ଆଗାମୀ ଦିନରେ ଭାରତର ରାଷ୍ଟ୍ରପତିଙ୍କଠାରୁ ଶିବାନୀ ଏହି ପୁରସ୍କାର ଗ୍ରହଣ କରିବେ। ୨୦୨୧ ବର୍ଷ ପାଇଁ ଏମ୍‌କେସିଜି କର୍ତ୍ତୃପକ୍ଷ ୫ ଜଣ ନର୍ସଙ୍କ ନାଁ ସୁପାରିସ କରିଥିଲେ। ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ତାଙ୍କୁ ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶିବାନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମୁଁ ପ୍ରଥମେ ମୋର ମା'ବାପାଠାରୁ ନିଃସ୍ୱାର୍ଥପର ରୋଗୀ ସେବା ପାଇଁ ଅନୁପ୍ରାଣିତ ହୋଇଥିଲି । ମୁଁ ବଞ୍ଚିଥିବା ଯାଏ ରୋଗୀ ସେବା କରି ଆସୁଥିବି ବୋଲି କହିଛନ୍ତି।

## ଏମ୍‌କେସିଜି ପରିଦର୍ଶନ କଲେ ଏମ୍‌ପି, ବିଧାୟକ

ବ୍ରହ୍ମପୁର ଅଫିସ,୨୨।୫

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜ)ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇ ଆସୁଛି। ରବିବାର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ ପଣ୍ଡା ଏମକେସିଜି ମେଡ଼ିକରାଲରେ ପହଞ୍ଚି ବିଭିନ୍ନ ୱାର୍ଡ଼ ବୁଲି ରୋଗୀଙ୍କୁ ଠିକ ଭାବେ ସ୍ୱାସ୍ଥ୍ୟ ସେବା ମିଳୁଛି କି ନାହିଁ ବୁଝିଥିଲେ। ଏହା ସହ ମେଡ଼ିକାଲର ଅନେକ ଅବ୍ୟବସ୍ଥା ଦେଖିବା ପରେ ଏହି ବିଷୟକୁ ନେଇ ବିଧାୟକ ଓ ଏମ୍‌ପି ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ରଙ୍କ ସହ ଆଲୋଚନା କରିଥିଲେ। କିଭଳି ସମସ୍ୟା ସମାଧାନ ହେବା ସହ ମେଡ଼ିକାଲକୁ ଆସୁଥିବା ରୋଗୀମାନେ ଉପଯୁକ୍ତ ସେବା ଓ ଚିକିତ୍ସା ପାଇବେ ଏହି ବିଷୟକୁ ନେଇ ଆଲୋଚନା ହୋଇଥିଲା। ଏହା ସହ ମେଡ଼ିକାଲରେ ଡାକ୍ତର ଅଭାବ ରହିଛି। ତାହାକୁ ସରକାର ପୂରଣ କରିବାକୁ ଚେଷ୍ଟା କରୁଥିବା ବିଧାୟକ ପଣ୍ଡା କହିଛନ୍ତି।



ଏମ୍‌କେସିଜି ଅଧୀକ୍ଷକଙ୍କ ସହ ଆଲୋଚନା କରୁଛନ୍ତି ଏମ୍‌ପି ଓ ବିଧାୟକ ।

## ମଡର୍ନ ୟୁଥ କ୍ଲବ, ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଆଗୁଆ

ବ୍ରହ୍ମପୁର ଅଫିସ,୨୨।୫

### ସାପ୍ତାହିକ ସ୍କୁଲ ବାସ୍କେଟ ବଲ ଟୁର୍ନାମେଣ୍ଟ

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଓ ଓଡ଼ିଶା ବାସ୍କେଟ ବଲ ସଂଘର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ବ୍ରହ୍ମପୁର ଏସ୍‌ପି ଅଫିସ ପରିସରରେ ଥିବା ବାସ୍କେଟବଲ ପଡ଼ିଆଠାରେ ଚାଲିଥିବା ସାପ୍ତାହିକ ସ୍କୁଲ ବାସ୍କେଟବଲ ଟୁର୍ନାମେଣ୍ଟର ୪ ର୍ଥ ଦିବସରେ ୩ ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରବିବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ପ୍ରଥମ ମ୍ୟାଚ ୧୩ ବର୍ଷରୁ କମ୍ ବାଳକ ବର୍ଗରେ ମଡର୍ନ ୟୁଥ କ୍ଲବ ଓ ଏସ୍‌ଏଭି ପବ୍ଲିକ ସ୍କୁଲ ମଧରେ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ୧୭ ବର୍ଷରୁ କମ୍ ବାଳକ ବର୍ଗରେ କେସି ପବ୍ଲିକ ସ୍କୁଲ ଓ କ୍ରୀଡ଼ା ଛାତ୍ରାବାସ ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଶେଷ ସୁଦ୍ଧା ମଡର୍ନ ୟୁଥ କ୍ଲବ ୧୩ ପଏଣ୍ଟ କରିଥିବା ବେଳେ ଏସ୍‌ଏଭି ପବ୍ଲିକ ସ୍କୁଲ ମାତ୍ର ୨ ପଏଣ୍ଟରେ ସୀମିତ ରହିଥିଲା। ଏହି ମ୍ୟାଚରେ ମଡର୍ନ ୟୁଥ କ୍ଲବ ୧୨ ପଏଣ୍ଟରେ ମ୍ୟାଚ ବିଜୟୀ ହୋଇଥିଲା। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ଶେଷ ସୁଦ୍ଧା କେସି ପବ୍ଲିକ ସ୍କୁଲ ୧୪ ପଏଣ୍ଟ କରିଥିବା ବେଳେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଦଳ ୩୨ ପଏଣ୍ଟ କରିଥିଲେ। ଦ୍ୱିତୀୟ ମ୍ୟାଚରେ କ୍ରୀଡ଼ା ଛାତ୍ରାବାସ ଦଳ ୧୮ ପଏଣ୍ଟରେ ବିଜୟୀ ହୋଇଥିଲେ। ଶେଷ ମ୍ୟାଚ ସଂକଳ୍ପ ସ୍କୁଲ ଓ ବିଜୟୀ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ଶେଷ ମ୍ୟାଚରେ ସଂକଳ୍ପ ସ୍କୁଲ ଦଳ ମାତ୍ର ୨୦ ପଏଣ୍ଟରେ ସୀମିତ ରହିଥିବା ବେଳେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଦଳ ୪୪ ପଏଣ୍ଟ କରିଥିଲେ। କ୍ରୀଡ଼ା ଛାତ୍ରାବାସ ଦଳ ଶେଷ ମ୍ୟାଚରେ ୨୨ ପଏଣ୍ଟରେ ବିଜୟୀ ହୋଇଛନ୍ତି।

## ଆମ ଶୌଚାଳୟ ପରିଷ୍କାର ପରିଚ୍ଛନ୍ନତା ଦାବି

ବ୍ରହ୍ମପୁର ଅଫିସ,୨୨।୫

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ସାହି ଓ ପୋଖରୀଗୁଡିକୁ ସ୍ୱଚ୍ଛତା ଲକ୍ଷ୍ୟରେ ବିଏମ୍‌ସି ପକ୍ଷରୁ ବିଭିନ୍ନ ୱାର୍ଡରେ ଆମ ଶୌଚାଳୟ ନିର୍ମାଣ କରାଯାଇଛି। ଯେଉଁଠାରେ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ପାଇଖାନା ବ୍ୟବସ୍ଥା ସହ ପାଣି ସୁବିଧା ମଧ ରହିଛି। କିନ୍ତୁ ଏହି ଶୌଚାଳୟଗୁଡିକୁ ପରିଷ୍କାର ପରିଚ୍ଛନ୍ନ ରଖାଯାଉ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଏହି ଶୌଚାଳୟ ବ୍ୟବହାର କରୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ସ୍ଥାନୀୟ ପୋଖରୀ ଉପରେ ନିର୍ଭର କରିବାରୁ ପାଣି ଦୂଷିତ ହେଉଛି। ଏହା ଦେଖିବାକୁ ମିଳିଛି ବ୍ରହ୍ମପୁର ମହାନଗର ନିଗମ ୧୦ ନଂ. ୱାର୍ଡ ଅନ୍ତର୍ଗତ ଆଇନା ବନ୍ଧସାହିରେ। ଏହି ସାହିରେ ଥିବା ରାଜୀବ ଆବାସ ଆପାର୍ଟମେଣ୍ଟ ନିକଟରେ ଆମ ଶୌଚାଳୟ ନିର୍ମାଣ କରାଯାଇଛି। ଯେଉଁଠାରେ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ପାଇଖାନା ବ୍ୟବସ୍ଥା ରହିଛି। କିନ୍ତୁ ଏହାକୁ ସଫେଇ ହେଉ ନ ଥିବାରୁ ବର୍ତ୍ତମାନ ଏହା ଅବ୍ୟବହୃତ ଭାବେ ପଡି ରହିଛି। ଫଳରେ ସ୍ଥାନୀୟ ବାସିନ୍ଦା ଆଇନା ବନ୍ଧ ପୋଖରୀ ଉପରେ ନିର୍ଭର କରୁଛନ୍ତି। ଫଳରେ ପୋଖରୀ





ଅବ୍ୟବସ୍ଥା ଘେରରେ ଥିବା ଆମ ଶୌଚାଳୟ।

ପାଣି ଦୂଷିତ ହେବା ସହ ପରିବେଶ ମଧ ପ୍ରଦୂଷିତ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ବିଏମ୍‌ସି ପକ୍ଷରୁ ଆମ ଶୌଚାଳୟ ନିର୍ମାଣ କରାଯାଇଛି ସତ କିନ୍ତୁ ବ୍ୟବହାର ପାଇଁ ପାଣି ସୁବିଧା ନ ଥିବା ବେଳେ ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ଶୌଚାଳୟ ନିକଟରେ ଥିବା ଷ୍ଟ୍ରିଟ ଲାଇଟ ମଧ ଦୀର୍ଘ ଦିନ ଧରି ଜଳୁ ନାହିଁ। ଏ ନେଇ ସ୍ଥାନୀୟ ଲୋକ ପ୍ରତିନିଧିଠାରୁ ଆରମ୍ଭ କରି ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଣୁ ଶୌଚାଳୟରେ ପରିଷ୍କାର ପରିଚ୍ଛନ୍ନତା ସହ ଆଲୋକୀକରଣ ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ନେଇ କର୍ପୋରେଟର ବିଷ୍ଣୁ ପ୍ରିୟା ସାହୁଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ସଫେଇ କର୍ମଚାରୀ ନିୟୋଜିତ ହୋଇଥିବା ସତ୍ତ୍ୱେ ଆସୁ ନାହାନ୍ତି। ଏ ନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ ମଧ କରାଯାଇଛି। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

## ଦିନକରେ ୧.୯୧ ଲକ୍ଷ ଜରିମାନା

ବ୍ରହ୍ମପୁର ଅଫିସ,୨୨।୫

### ୮ ଡିଏଲ ରଦ୍ଦ ପାଇଁ ସୁପାରିସ

ସଡ଼କ ସୁରକ୍ଷା ନିୟମ କଡାକଡି କରିବା ପାଇଁ କେନ୍ଦ୍ର ସରକାର ମୋଟରଯାନ ଆଇନରେ ସଂଶୋଧନ ଆଣିଥିଲେ। ବିଶେଷକରି ହେଲ୍‌ମେଟ ଓ ନିଶାସକ୍ତ ଚାଳକ ଧରପଗଡ ଅଭିଯାନ ଏବେ ଜୋରଦାର କରାଯାଇଛି। ଅମାନିଆଙ୍କ ପାଇଁ ହେଲମେଟ ନ ପିନ୍ଧିଲେ ଏବେ ଆଉ ୫ଶହ ନୁହେଁ ସଂଶୋଧିତ ନିୟମ ଅନୁସାରେ ୧ହଜାର ଟଙ୍କା ଜରିମାନା ଆଦାୟ ବ୍ୟବସ୍ଥା କରାଯାଇଛି। ଏପରି କି ହେଲ୍‌ମେଟ ନ ପିନ୍ଧିଲେ ୩ ମାସ ପର୍ଯ୍ୟନ୍ତ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ରଦ୍ଦ କରିବା ପାଇଁ ପୋଲିସ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ସୁପାରିସ କରିଛି। ଶନିବାର ବ୍ରହ୍ମପୁରରେ ଟ୍ରାଫିକ ଥାନା ପକ୍ଷରୁ ଜରିମାନା ବାବଦରେ ମାନୁଆଲ୍ ଏବଂ ଇ-ଚାଲାନ୍ ବାବଦରେ ୧ ଲକ୍ଷ ୯୧ ହଜାର ଟଙ୍କା ଅମାନିଆ ଚାଳକଙ୍କ ଉପରେ ଧାର୍ଯ୍ୟ ହୋଇ ସାରିଛି ବୋଲି ଟ୍ରାଫିକ୍ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି। ସେହିପରି ୮ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଛି ବୋଲି ଥାନାଧିକାରୀ ବେହେରା ରବିବାର ସୂଚନା ଦେଇଛନ୍ତି। ଏହାବ୍ୟତୀତ ଦୁଇ ନିଶାସକ୍ତ ଚାଳକଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବାଇକ୍ ମଧ ଜବତ କରାଯାଇଛି। ଏହି ଧରପଗଡ଼ ଆଗକୁ ମଧ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ହସ୍ତଶିଳ୍ପ ପ୍ରଦର୍ଶନୀରେ ଜମୁଛି ଭିଡ଼

ଭଞ୍ଜନଗର,୨୨।୫(ଡି.ଏନ୍. ଏ.)

ଭଞ୍ଜନଗର ବଳଭଦ୍ର ଆରୁଖ କୃଷକ ବଜାର ନିକଟରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ରବିବାର ପଞ୍ଚମ ଦିବସରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ରବିବାର ନୟାଗଡ଼ ଜିଲା ବାହାଡ଼ାଝୋଲାର ଓମ ଶ୍ରୀଦୃଷ୍ଟିହୀନ ଲୋକ ସଙ୍ଗୀତ ପରିଷଦ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଜେଲ ଅଧିକ୍ଷକ ଦଣ୍ଡପାଣି ପାତ୍ର, ଦମକଳ କେନ୍ଦ୍ର ଅଧିକାରୀ ଅନିଲ କୁମାର ମିଶ୍ର, ଶିକ୍ଷୟତ୍ରୀ ଦୀପ୍ତି ଦେବୀ ଅତିଥି ଭାବେ ଯୋଗଦେଇ





ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ନିଜର ମତ ରଖିଥିଲେ। ଅରୁପା ସମ୍ପାଦକ ଅଶୋକ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିଲେ।

## ହାବିଲଦାର, କନଷ୍ଟେବଲ ସଂଘର ଶପଥପାଠ ଉତ୍ସବ

ବ୍ରହ୍ମପୁର ଅଫିସ,୨୨।୫

ହାବିଲଦାର ଓ କନ୍‌ଷ୍ଟେବଲ ସଂଘର ଶପଥପାଠ ଉତ୍ସବ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟ ଡିଏସ୍‌ପି ସ୍ୱରାଜ ଦେବତା, ରିଜର୍ଭ ଇନ୍ସପେକ୍ଟର ଦିଲୀପ କୁମାର ବେହେରାଙ୍କ ଉପସ୍ଥିତିରେ ବିଜୟୀ କର୍ମକର୍ତ୍ତାଙ୍କୁ ଶପଥପାଠ କରାଯାଇଥିଲା। ହାବିଲଦାର ଓ କନ୍‌ଷ୍ଟେବଲ ସଂଘ ସଭାପତି କାଳୀଚରଣ ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମ ନାରାୟଣ ସାମନ୍ତରାୟ, ସମ୍ପାଦକ କେ. ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ କେ. ଅନିଲ ପାତ୍ରଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶପଥପାଠ କରିଥିଲେ। ଏହି ଉତ୍ସବରେ ଗଞ୍ଜାମ ଜିଲାର ସଭାପତି ଅଭିମନ୍ୟୁ ଜାଲି, ୮ମ ବାଟାଲିୟନ ସଭାପତି ଅଜିତ କୁମାର ରଥ, ୬ଷ୍ଠ ବାଟାଲିୟନ କଟକ ସଭାପତି ପ୍ରମୋଦ କୁମାର ନାୟକ, କଟକ କମିଶନରେଟ ସଭାପତି ଓ କଟକ କମିଶନରେଟର ବାଉରୀ ବନ୍ଧୁ ମହାପାତ୍ର, ଢେଙ୍କାନାଳ ସମ୍ପାଦକ, ପିଟିସି ଅନୁଗୋଳ ସଭାପତି, ଅନୁଗୋଳ ଜିଲା ସଭାପତି, ୭ମ ବାଟାଲିୟନ ଭୁବନେଶ୍ୱରର ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମହାସଂଘର ପୂର୍ବତନ ସଭାପତି ସନ୍ତୋଷ କୁମାର ଶତପଥୀ ମଧ ଏହି ଉତ୍ସବରେ ଉପସ୍ଥିତ ଥିଲେ।





ଉତ୍ସବରେ ଉପସ୍ଥିତ ଅତିଥି।

## ନାହାନ୍ତି ୧୧ ଡାକ୍ତର, ନାହିଁ ମହାପ୍ରୟାଣ ଗାଡ଼ି

ଛତ୍ରପୁର,୨୨।୫(ଡି.ଏନ.ଏ.)

### ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ

### ରୋଗୀ କଲ୍ୟାଣ ସମିତି କାମଚଳା

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହର ହୋଇ ମଧ ବ୍ରହ୍ମପୁର ସହରରେ ମୁଖ୍ୟ ହସ୍ପିଟାଲ( ସିଟି ହସ୍ପିଟାଲ) ରହିଛି। ଦୀର୍ଘବର୍ଷ ଧରି ଛତ୍ରପୁର ଉପଖଣ୍ଡ ହସ୍ପିଟାଲକୁ ହେଡ୍‌କ୍ୱାର୍ଟର ମାନ୍ୟତା ଦେବା ଲାଗି ଦାବି ହୋଇଆସୁଛି । ମାତ୍ର ଏହାଉପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ ଏହି ହସ୍ପିଟାଲ ସମସ୍ୟା ଦ୍ୱିଗୁଣିତ ହୋଇଛି । ଛତ୍ରପୁର ହସ୍ପିଟାଲରେ ୨୨ ଡାକ୍ତରଙ୍କ ମଧ୍ୟରୁ ମେଡିସିନ୍, ସର୍ଜରି ସମେତ ୧୧ ଡାକ୍ତର ପଦବୀ ଖାଲି ରହିଛି। ଏଥିଯୋଗୁ ରୋଗୀ ଆଡମିଶନ ହେଉନାହାନ୍ତି। କେବଳ ସାମାନ୍ୟ ରୋଗ ପାଇଁ ଇନଡୋର ଆଡମିଶନ ହେଉଛି । ଅପରପକ୍ଷରେ ଛତ୍ରପୁର ହସ୍ପିଟାଲରେ ପ୍ରସୂତି ବିଭାଗରେ ସର୍ବଦା ରୋଗୀଙ୍କ ଶଯ୍ୟା ଭର୍ତ୍ତି ରହୁଛି । ଏଠାରେ ପ୍ରସୂତି ବିଭାଗର ଅପରେଶନ ଥିଏଟର କାର୍ଯ୍ୟକାରୀ ହେଉଥିବାରୁ ଏହା ଉପରେ ଲୋକଙ୍କ ନିର୍ଭର ବଢୁଛି । ଏପରିକି ଏଠାରେ ନିଶ୍ଚେତକ ବିଶେଷଜ୍ଞ ମଧ୍ୟ ଚଳିତ ମାସ ଶେଷରେ ଏଠାରୁ ବଦଳି ହେବେ। ଫଳରେ ପ୍ରସୂତି ବିଭାଗରେ ମଧ୍ୟ ଅପରେଶନ ବନ୍ଦ ହୋଇଯିବ। ଛତ୍ରପୁର ଦେଇ ଜାତୀୟ ରାଜପଥ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବାରୁ ଉକ୍ତ ହସ୍ପିଟାଲକୁ ଖଲ୍ଲିକୋଟଠାରୁ ଆରମ୍ଭ କରି ଚମାଖଣ୍ଡି ଅଞ୍ଚଳ ପର୍ଯ୍ୟନ୍ତ ଆହତମାନେ ଆସିଥାନ୍ତି । ଏଥିସହ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ, ଖଲ୍ଲିକୋଟ, ଗଞ୍ଜାମ ଓ ଛତ୍ରପୁର ଅଞ୍ଚଳର ଲୋକେ ଏହି ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି । ଛତ୍ରପୁର ଗଞ୍ଜାମ ଜିଲାର ସଦରମହକୁମା ହେବା ସହ ଉପଖଣ୍ଡ ହସ୍ପିଟାଲରେ ମହାପ୍ରୟାଣ ଗାଡି ନାହିଁ । ଏଠାରେ କାହାର ମୃତ୍ୟୁ ହେଲେ ତାଙ୍କ ମୃତଦେହକୁ ଘରକୁ ନେବା ଲାଗି ଚଢ଼ା ଦରରେ ଭଡା କରି ଗାଡି ଦ୍ୱାରା ନେବାକୁ ଲୋକେ ବାଧ ହେଉଛନ୍ତି । ମହାପ୍ରୟାଣ ଗାଡି ପାଇଁ ସ୍ଥାନୀୟ ବିଧାୟକ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଥିଲେ ହେଁ ଏହି ବ୍ୟବସ୍ଥା ହୋଇନି । ଡାକ୍ତରଙ୍କ ପାଇଁ କ୍ୱାର୍ଟର୍ସର ଯଥେଷ୍ଟ ଅଭାବ ରହିଛି । ନୂଆ କ୍ୱାର୍ଟର୍ସ ନିର୍ମାଣ ପ୍ରସ୍ତାବରେ ଅଟକିଛି । ରୋଗୀ କଲ୍ୟାଣ ସମିତି ବୈଠକରେ ବାରମ୍ବାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେଉଥିଲେ ହେଁ କୌଣସି ସୁଫଳ ମିଳୁନି । ଏଠାରେ ଥିବା ସ୍ୱତନ୍ତ୍ର କ୍ୟାବିନ୍‌ର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଅହେତୁକ ବିଳମ୍ବ ଘଟିଛି । ଏଠାକୁ ଅଲଟ୍ରାସାଉଣ୍ଡ ମେଶିନ୍ ଆସିବା ପ୍ରସ୍ତାବରେ ଅଟକିଛି । ଉକ୍ତ ହସ୍ପିଟାଲର ଭିତ୍ତିଭୂମି ସୁଦୃଢ ସହ ସଫେଇ ଆଦି ଲାଗି ରାଜ୍ୟ ଓ କେନ୍ଦ୍ରସ୍ତରରେ ପ୍ରତିବର୍ଷ ପୁରସ୍କାର ମିଳୁଛି। ମାତ୍ର ରୋଗୀ ସେବା ଆବଶ୍ୟକତା ଅନୁସାରେ ହୋଇପାରୁନି। ଏଠାରେ ଡାକ୍ତର ଅଭାବ, ସର୍ଜରି ହେଉ ନ ଥିବାରୁ ଏହି ହସ୍ପିଟାଲର ଲକ୍ଷ୍ୟ ସାଧିତ ହେଉନି କିମ୍ବା ରୋଗୀ ସେବା ଠିକ୍ ଭାବେ ମିଳୁନି। କେବଳ ଉକ୍ତ ହସ୍ପିଟାଲରେ ଆଶୁ ଚିକିତ୍ସା କରାଯାଇ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏଥିସହ ଆବଶ୍ୟକ ଓ ଠିକ୍ ସମୟରେ ଚିକିତ୍ସା ନ ପାଇ ରୋଗୀ ଗୁରୁତର ଏବଂ ଶେଷରେ ତାଙ୍କର ଜୀବନ ମଧ୍ୟ ଯାଉଥିବା ନଜିର ରହିଛି । ଅପରପକ୍ଷରେ ଛତ୍ରପୁର ହସ୍ପିଟାଲରେ ଆଶୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି । ତେବେ ଡାକ୍ତର ଅଭାବ, ଉନ୍ନତମାନର ଓ ସମସ୍ତ ସରଞ୍ଜାମ ଥିବା ଅପରେଶନ ଥିଏଟର ଥାଇ ମଧ୍ୟ ବିଶେଷଜ୍ଞ ନ ଥିବାରୁ ସର୍ଜରି ହୋଇପାରୁନି । ଭେଷଜ ବିଶେଷଜ୍ଞ ନ ଥିବାରୁ କୌଣସି ରୋଗୀଙ୍କ ଡାଇଗ୍ନୋସିସ୍ ହୋଇପାରୁନି। ଏ ସମ୍ପର୍କରେ ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

